# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 October– 2026**

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ହେଉଛି ଜନ୍ମଦିବସ । ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ବାପୁଜୀ ଦେଶକୁ ଇଂରେଜ ଶାସନର କବଳରୁ ମୁକ୍ତ କରିବା ପାଇଁ ଅହିଂସାପଥ ଆପଣାଇଥିଲେ । ମୁକ୍ତି ସଂଗ୍ରାମରେ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ସେ ପ୍ରବର୍ତ୍ତନ କରିଥିଲେ । ଏହାର ପ୍ରଭାବ ଏବେମଧ୍ୟ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଇଚାଲିଛି ।

ସେହିପରି ୧୯୦୪ ମସିହା ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ । ବାପୁଜୀଙ୍କ ଡାକରାରେ ଶାସ୍ତ୍ରୀଜୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ଶାସ୍ତ୍ରିଜୀଙ୍କ ସ୍ଲୋଗାନ 'ଜୟ ଯବାନ-ଜୟ କିଷାନ' ଆଜି ମଧ୍ୟ ଅମର ହୋଇ ରହିଛି । ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବାର୍ତ୍ତାରେ କହିଛନ୍ତି, ଗାନ୍ଧିଜୀଙ୍କ ସାହସ, ସରଳତା, ସେବା ଓ କରୁଣା ଶକ୍ତିର ମାର୍ଗ ଦେଖାଇଥିଲା ।

ସେହିପରି ଶାସ୍ତ୍ରୀଜୀଙ୍କ ଜୀବନ ଓ ନେତୃତ୍ୱ ଏକ ସଶକ୍ତ ତଥା ଆତ୍ମନିର୍ଭର ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରଣା ଯୋଗାଉଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଗ୍ରାମସଭା

ଦେଶବ୍ୟାପୀ ଆଜି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେଉଛି। ଏଥିରେ ପଞ୍ଚାୟତକୁ ସଶକ୍ତ କରିବା, ଜନସେବାରେ ଉନ୍ନତି ଆଣିବା ଏବଂ ଗ୍ରାମୀଣ ଭାରତରେ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ବିଭିନ୍ନ ସଂସ୍କାର ଓ ପଦକ୍ଷେପ ଉପରେ ଆଲୋଚନା ହେବ। ଏହି ସ୍ୱତନ୍ତ୍ର ଗ୍ରାମସଭା ଅବସରରେ 'ସଭିଙ୍କ ଯୋଜନା, ସଭିଙ୍କ ବିକାଶ' ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯିବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକ ଅଂଶଗ୍ରହଣମୂଳକ ଏବଂ ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ମାଧ୍ୟମରେ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରିବେ।

## ମହାନଦୀ ଜଳବିବାଦ -ବୈଠକ

ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳବିବାଦ ସଂପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ସି.ଆର୍. ପାଟିଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ଥିଲେ । ବୈଠକ ପରେ ଶ୍ରୀ ମାଝୀ କହିଛନ୍ତି, ଖୁବ୍‌ଶୀଘ୍ର

ଜଳବିବାଦର ସମାଧାନର ରୂପରେଖ ପ୍ରକାଶ ପାଇବ । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ । ମହାନଦୀ ଓଡ଼ିଶାର କୋଟିକୋଟି ଲୋକଙ୍କର ଜୀବନ ଜୀବିକାର ପନ୍ଥା । ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣର ଜଳ ଉପଲବ୍ଧ କରାଇବା ନେଇ ଗୁରୁତ୍ୱ ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ମହାନଦୀ ଜଳ ବିବାଦର ସମାଧାନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ନିଜେ ଦାୟିତ୍ୱ ନେଇଥିବାରୁ ଶ୍ରୀ ମାଝୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ରାଜ୍ୟପାଳ-ପ୍ରଧାନମନ୍ତ୍ରୀ ଆଲୋଚନା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗତକାଲି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ କମ୍ଭମପାଟି ରାଜ୍ୟର ବିକାଶ, ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହି ସମୟରେ ଓଡ଼ିଶାର ବିକାଶ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ମହାପ୍ରଭୁଙ୍କ ଜମି

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଓ ଦେବୋତ୍ତର ସମ୍ପତ୍ତିର ସୁରକ୍ଷା ଦିଗରେ ରାଜସ୍ୱ ପର୍ଷଦ କଟକ ଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି । ଏଥିରେ ରାଜସ୍ୱ ପର୍ଷଦ କଟକ ଏକ ମାମଲାର ଶୁଣାଣି କରି ମହାପ୍ରଭୁଙ୍କ ନାମରେ ପୁରୀର ତାଳବଣିଆ /କୁଣ୍ଡେଇବେଣ୍ଟ ସାହି ମୌଜାରେ ଥିବା ଏକ ମୂଲ୍ୟବାନ ଜମି ସମ୍ବନ୍ଧୀୟ ସମୀକ୍ଷା ଯାଚିକାକୁ ଖାରଜ କରିଛନ୍ତି । ଏହା ସହ ବ୍ୟକ୍ତିଗତ ନାମକୁ ହସ୍ତାନ୍ତର ହୋଇଥିବା ଏହି ଜମିକୁ ପୁଣି ଥରେ

ମହାପ୍ରଭୁଙ୍କ ନାମରେ ରେକର୍ଡଭୁକ୍ତ କରିବା ପାଇଁ ରାଜସ୍ୱ ପର୍ଷଦ ନିର୍ଦ୍ଦେଶ ଦେଇଛନ୍ତି।

## ସୁଜଳ ଅଭିଯାନ

ସଂରକ୍ଷିତ ଜଳ ଓ ସୁରକ୍ଷିତ ଜୀବନର ବାର୍ତ୍ତା ନେଇ ରାଜ୍ୟରେ ଆଜି **ସୁଜଳ** ଅଭିଯାନ ଆରମ୍ଭ ହେଉଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଜି ଭୁବନେଶ୍ୱରଠାରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିବେ । ଏହି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣ, ଜଳ ଅପଚୟ ରୋକିବା,ବିଶୁଦ୍ଧ ଜଳର ବ୍ୟବହାର ଆଦି ସଂପର୍କରେ ସଚେତନତା ସୃଷ୍ଟି କରାଯିବ ।

## ଶିଶୁଶ୍ରମମୁକ୍ତ ସଚେତନତା

ରାଜ୍ୟରେ ଆଜିଠାରୁ ଶିଶୁଶ୍ରମମୁକ୍ତ ଗ୍ରାମପଞ୍ଚାୟତ ସଚେତନତା ଅଭିଯାନ ଆରମ୍ଭ ହେଉଛି । ଏଥିରେ ଶିଶୁ ଶ୍ରମ ବିରୋଧରେ ସଚେତନତା ସୃଷ୍ଟି ସହ ଶିଶୁ ଅଧିକାର ସଂପର୍କରେ ସୂଚନା ପ୍ରଦାନ କରାଯିବ ।

## ନିଶାମୁକ୍ତି ଅଭିଯାନ

ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ନିଶାମୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସୁସ୍ଥ ସମାଜ ଗଠନ ଏବଂ ନିଶା କବଳରୁ ଯୁବପିଢ଼ିଙ୍କୁ ମୁକ୍ତ କରିବା ଆବଶ୍ୟକ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

# ପାଣିପାଗ

ଆଣ୍ଡାମାନ ସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ସୂଚନା ଅନୁସାରେ, ଆସନ୍ତା ୧୨ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୧୩ ତାରିଖରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ୧୫ ତାରିଖ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ଥିବା କୁହାଯାଇଛି ।

ଅପରପକ୍ଷରେ ହୀରାକୁଦ ଉପରମୁଣ୍ଡରେ ବର୍ଷାର ପରିମାଣ ହ୍ରାସ ପାଇବା ଯୋଗୁଁ ଜଳଭଣ୍ଡାରର ୨୯ଟି ଗେଟ୍ ବନ୍ଦ କରିଦିଆଯାଇଛି ।